**ଜୟଗୁରୁ**
**ନୀଳାଚଳ ସାରସ୍ୱତ ସଂଘ, ପୁରୀ**
**ଶାଖା- ଆମେରିକା ସାରସ୍ୱତ ସଂଘ**
**୮୧୬ ତମ ସଂଘ ପୂଜା ବିବରଣୀ**
**ସ୍ଥାନ- ନିଗମ ସ୍ମୃତି ମନ୍ଦିର**

**ପାଳିଆ** - ବବି ଓ ସ୍ୱପ୍ନେଶ୍ୱର ଭାଇ

**ତାରିଖ** - ୦୫-୨୯-୨୦୨୨ **ସମୟ(ପ୍ରାତଃ-** ୭ ଘଟିକା ୧୫ ମିନଟ ରୁ **ପୂର୍ବାହ୍ନ** ୧୧ ଘଟିକା ୫୫ ମିନଟ ପର୍ଯ୍ୟନ୍ତ (ଇଷ୍ଟର୍ନ)

**ଅଧିବାସ ପୂଜା**- ତା୦୫-୨୮-୨୦୨୨ ଶନିବାର ସନ୍ଧ୍ୟା ୭ ଘଟିକା ୩୦ ମିନିଟ ସମୟରେ ଅଧିବାସ ପୂଜା ସହ ନର୍ଥ କାରୋଲିନା ପାଠଚକ୍ରର ସନ୍ଧ୍ୟା ଅଧିବେଶନ ମଧ୍ୟ ନର୍ଥ କାରୋଲିନା ପାଠଚକ୍ରର କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହୋଇଥିଲା । ସ୍ତୋତ୍ରବନ୍ଦନା, ପୁସ୍ତକ ପାଠ ଆଦି ପରେ ବିଦାୟ ପ୍ରାର୍ଥନା ଓ ଜୟଗୁରୁ ନାମ କୀର୍ତନ କରାଯାଇ ରାତ୍ର ୯ ଘଟିକା ସମୟରେ ଆସନ ବନ୍ଦ କରାଯାଇଥିଲା ଏବଂ ଠାକୁର ମହାରାଜ ଙ୍କୁ ରାତ୍ର ଭୋଗ ନିବେଦନ କରାଯାଇଥିଲା ।

**ଉପସ୍ଥାନ** - ସଂଘ ପୂଜାରେ ଉପସ୍ଥିତ ଭାଇ ଓ ମା' ମାନଙ୍କ ଉପସ୍ଥାନ ପତ୍ର ପାଇଁ ଆମସାସ ୱେବସାଇଟରେ ଥିବା ଉପସ୍ଥାନ ପତ୍ର ଦ୍ରଷ୍ଟବ୍ୟ ।

**ପ୍ରଥମ ଅଧିବେଶନ (ପ୍ରାତଃ - ୭-୧୫ ରୁ ୮-୪୫)**

ଅଦ୍ୟ ତା୦୫-୨୯-୨୦୨୨ରିଖ ରବିବାର ନିର୍ଧାରିତ ଓ ପୂର୍ବ ନିବେଦିତ କାର୍ଯ୍ୟସୂଚୀ ଅନୁସାରେ, ଶ୍ରୀଶ୍ରୀ ଠାକୁର ମହାରାଜଙ୍କର ଅଙ୍ଗଲାଗି ସେବକ ଭକ୍ତ ମାନେ କାଳି ଅନ୍ଧାରରୁ ଶଯ୍ୟାତ୍ୟାଗ କରି ଆପଣା ଆପଣା ନିତ୍ୟକର୍ମ ସମାପନ ପୂର୍ବକ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟପ୍ରାତଃ କ୍ରିୟା ନିମିତ୍ତ ଶୟନ କକ୍ଷ ରେ ପ୍ରବେଶ କରିଥିଲେ । କେହି ବା ଚନ୍ଦନ ଘୋରିଦେଉଥିବା ବେଳେ କେହି ବଗିଚାକୁ ପୁଷ୍ପ ଚୟନ ପାଇଁ ଫୁଲ ଚାଙ୍ଗୁଡ଼ି ହାତରେ ନେଇ ଯାଇଥିଲେ । କେହି ଆରତୀ ସଜାଡି ଦେଉଥିବା ବେଳେ କେହି ବା ଠାକୁରଙ୍କ ଆସନକୁ ନାନାବିଧ ପୁଷ୍ପରେ ସଜାଇ ଦେଉଥିଲେ । ମା' ମାନେ ରୋଷ ଘରେ ପ୍ରବେଶ କରି ଭୋଗ ପ୍ରସ୍ତୁତିରେ ଲାଗିପଡ଼ିଥିଲେ । ଏହା ମଧ୍ୟରେ ଜ୍ଞାନ ଭାଇ ଶ୍ରୀଶ୍ରୀଠାକୁରଙ୍କର ସମସ୍ତ ପ୍ରାତଃ ନୀତିକାନ୍ତି ସମାପନ କରିଥିଲେ ।

ପ୍ରାତଃ ୭ ଘଟିକା ୧୫ ମିନିଟ ସମୟରେ ପ୍ରତିକ୍ଷ୍ୟାରତ ମା' ଭାଇ ମାନେ ପ୍ରତୀକ୍ଷା ସଂଗୀତ ଗାନ କରିବାକୁ ଲାଗିଥିଲେ । ଅସ୍ମିତା ମା' ***ପ୍ରିୟତମ ଆଖିର ଆଦେଖା ମୋର*** ଓ ନିହାର ଭାଇ ***ଅରୁଣ ରଥ ରେ ବିଜେ କର ହେ ମହାନ*** ପ୍ରତୀକ୍ଷା ସଂଗୀତ ଓ ***ଆନନ୍ଦମୟ ନିଗମାନନ୍ଦ ଜୟ*** ଆରତୀ ପ୍ରତୀକ୍ଷା ସଂଗୀତଟି ଗାନ କରିଥିଲେ । ସ୍ମୃତି ମନ୍ଦିରରେ ଉପସ୍ଥିତ ଥିବା ଭକ୍ତ ମାନଙ୍କ ସହ ଟେଲିଫୋନ ମାଧ୍ୟମ ରେ ଯୋଗ ଦେଇଥିବା ସମସ୍ତ ଭକ୍ତ ପ୍ରତୀକ୍ଷା ସଂଗୀତ ପାଳି ଧରିଥିଲେ । ବିଶୁ ଭାଇ ଶ୍ରୀଶ୍ରୀଠାକୁର ମହାରାଜ ଙ୍କୁ' ସଂଘ ପୂଜା ମଣ୍ଡପକୁ ବିଜେ କରାଇ ଆରତୀ ଭୋଗ ନିବେଦନ ପୂର୍ବକ ଆରତୀ ପ୍ରଦୀପ ପ୍ରଜ୍ୱଳନ କରାଇଥିଲେ । ଏହି ସମୟରେ ଆସନ ପରଦା ଉନ୍ମୋଚନ କରାଯାଇଥିଲା । ସମସ୍ତ ଭାଇ ଓ ମା' ସାଧନ ସିଦ୍ଧ ପ୍ରେମିକ ଶିରୋମଣି ଅରୂପଙ୍କର ମନଲୋଭା ରୂପର ପ୍ରଭାତୀ ଦର୍ଶନ କରି, ସେହି ଅନାଦି ସିଦ୍ଧ ଶରଣ ସୋଦର ଗୁରୁ ପାଦ ଧ୍ୟାଇ ପ୍ରଣାମ ଜଣାଇ, ମିଳିତ ଉଲ୍ଲସିତ ଉଚ୍ଚ ସ୍ୱରରେ ଖୋଳ, କରତାଳ, ଝାଞ୍ଜ, ଶଙ୍ଖ,ତୁରୀ ଆଦି ନାନାବିଧ ବାଦ୍ୟ ବାଦନ କରି ***ଜୟ ଜୟ ଗୁରୁଦେବ*** ଆରତୀ ସଂଗୀତ ଗାନ କରିଥିଲେ । ସଂଗୀତର ତାଳେ ତାଳେ ବିଶୁ ଭାଇ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ଆଳତିର ପ୍ରତିଟି ଉପଚାର ପ୍ରଦାନ କରିଥିଲେ । ଆରତୀର ପରେ ପରେ ବିଶ୍ୱଜିତ ଭାଇ ବନ୍ଦନା ପ୍ରାର୍ଥନା ଓ ସ୍ତୋତ୍ର ବନ୍ଦନା ଗାନ କରିଥିଲେ । ସଭାପତି ଭାଇ ଆସନ ଗ୍ରହଣ ପୂର୍ବକ ପରିଚୟ ପତ୍ର ପାଠ, କରୋନା ମହାମାରୀ ରୁ ରକ୍ଷା ପାଇଁ ପ୍ରାର୍ଥନା, ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଓ ଆମେରିକା ଭକ୍ତ ସମ୍ମିଳନୀ ପାଇଁ ପ୍ରାର୍ଥନା ସହ ଆସନ ମନ୍ଦିର ନିତ୍ୟ ସେବା ପୂଜାର ସୁବନ୍ଦୋବସ୍ତ ପାଇଁ ପ୍ରାର୍ଥନା କରାଇଥିଲେ ।

ସୁବ୍ରତ ଭାଇ ସଂଘସେବକ ଊନଚତ୍ୱାରିଂଶ ଭାଗ ପ୍ରଥମ ସଂଖ୍ୟା ବନ୍ଦନା ପ୍ରାର୍ଥନା କାରିଙ୍କ ପ୍ରତି ପାଠ କରିଥିଲେ ।ସ୍ମିତା ବାଇ ମା' ସଂଘସେବକରେ ଥିବା ପ୍ରାର୍ଥନା ସଂଗୀତ ଗାନ କରିଥିଲେ । ବିଶ୍ୱରଂଜନ ଭାଇ ଗୁରୁଗୀତାର ଶ୍ଳୋକ ୯୫ ନବାକ୍ଷରୀ ଛନ୍ଦରେ ପଢି ଶୁଣାଇଥିଲେ ।

ଏଥି ଅନ୍ତେ ପ୍ରଥମ ଅଧିବେଶନ ଶେଷ ହେବାକୁ ଯାଉଥିବା ବେଳେ ସ୍ୱପ୍ନେଶ୍ୱର ଭାଇ ଶ୍ରୀଶ୍ରୀଠାକୁର ମହାରାଜ ଓ ଉପସ୍ଥିତ ସମସ୍ତ ଭାଇ ଓ ମା' ମାନଙ୍କୁ ବାଲ୍ୟ ଭୋଗ ଓ ଦ୍ୱିତୀୟ ଅଧିବେଶନ ପାଇଁ ନିମନ୍ତ୍ରଣ କରିଥିଲେ । ଦିବା ୮ଘଟିକା ୪୫ମିନଟ ସମୟରେ ଜ୍ଞାନ ଭାଇ, ସ୍ମିତା ବାଇ ମା'ଙ୍କ ସହ ଅନ୍ୟ ଭକ୍ତ ଭାଇ ଓ ମା' ମାନେ କାଳଜୟୀ ଜୟଗୁରୁ ମହାନାମ କୀର୍ତନ କରାଇଥିଲେ । କୀର୍ତନର ଶେଷପ୍ରାନ୍ତରେ ପରଦା ପତନ କରାଯାଇଥିଲା । ଉପସ୍ଥିତ ଭକ୍ତ ଭାଇ ମା' ଓ ପିଲା ମାନେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପ୍ରଣାମ କରିଥିଲେ ।ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ଭୋଗଗୃହକୁ ଆବାହନ କରାଯାଇଥିଲା ଓ ବାଲ୍ୟ ଭୋଗ ନିବେଦନ କରାଯାଇଥିଲା ।ଉପସ୍ଥିତ ସମସ୍ତ ଭକ୍ତ ଗଣ ଚନ୍ଦନ ଚରଣାମୃତ ସେବନ ପୂର୍ବକ ବାଲ୍ୟ ପ୍ରସାଦ ସେବନ କରିଥିଲେ । ମା' ମାନେ ସାବିତ୍ରୀ ବ୍ରତ ହେତୁ କେବଳ ଫଳାହାର କରିଥିଲେ ।

## ଦ୍ୱିତୀୟ ଅଧିବେଶନ(ପୂର୍ବାହ୍ଣ ୯-୪୫ ରୁ ୧୧-୫୫ )

ଦିବା ୯ ଘଟିକା ୩୦ ମିନିଟ ସମୟ ରେ ଅଞ୍ଜଳି ମା' ***ଫୁଲ ଟିଏ ହୋଇ ଫୁଟିଛି ଠାକୁର*** ଆବାହନ ସଂଗୀତ ଟି ଗାନ କରିଥିଲେ । ଦୀପ୍ତି ମା' ଙ୍କ ଅନୁପସ୍ଥିତି ରେ ପୁନଃ ଅଞ୍ଜଳି ମା' ***କାହାର ବଇଁଶୀ ବାଜୁଛି*** ସଂଗୀତଟିକୁ ମଧ ଗାନ କରିଥିଲେ । ଦ୍ୱିତୀୟ ଅଧିବେଶନ ପାଇଁ ଦିବା ୯ ଘଟିକା ୪୫ ମିନିଟ ସମୟରେ ଶ୍ରୀଶ୍ରୀଠାକୁର ମହାରାଜ ପୂଜା ମଣ୍ଡପରେ ବିଜେ କରିଥିଲେ । ଭବ ବନ୍ଧନ ମୋଚନ ପ୍ରଣାମଗାନ ପୂର୍ବକ ଆସନ ପରଦା ଉନ୍ମୋଚନ କରାଇଯାଇଥିଲା ।

ବୃନ୍ଦାବନ ଭାଇ "***ପ୍ରଭୁ ସମ କମନୀୟ*** ବନ୍ଦନା ସଂଗୀତ" ଟି ତାମ୍ବୁକ ବାଦନ ପୂର୍ବକ ଗାନ କରି ଗୁରୁ ପାଦପଦ୍ମ ବନ୍ଦନା କରିଥିଲେ । ପ୍ରଦ୍ୟୁମ୍ନ ଭାଇ ଙ୍କ ଅନୁପସ୍ଥିତି ରେ ବିଶ୍ୱଜିତ ଭାଇ ଇଂରାଜୀ ଭାଷାରେ ନିଗମ ଉପଦେଶ ପୁସ୍ତକର ପୃଷ୍ଠା ୧୫୨ ରେ ପ୍ରଦତ୍ତ Religion and world ସନ୍ଦର୍ଭଟି ପାଠ କରିଥିଲେ । କଳ୍ପନା ମା' ଗତ ପୂଜା ବିବରଣୀ ଓଡିଆ ଭାଷାରେ ପାଠ କରିଥିଲେ । ଶାସ୍ତ୍ର ପାଠ ଓ ଆଲୋଚନା ସଭା ରେ ନିମନ୍ତ୍ରିତ କେନ୍ଦ୍ର ପ୍ରତିନିଧି ଶ୍ରୀପ୍ରମୋଦ ମହାପାତ୍ର ଭାଇ ଯୋଗ ଦେଇ ବିଶେଷ ଆଲୋଚନା କରାଇଥିଲେ । ଭାଇ ବୁଝାଇ ଦେଇଥିଲେ ଯେ - ଯେ ବିଶ୍ଳେଷଣ ପଥରେ ଗତି କରି ସଂଶ୍ଳେଷଣ ପଥରେ ଫେରି ଆସନ୍ତି ସେମାନେ ସଚ୍ଚିଦାନନ୍ଦ ପାରାବାରରେ ବୁଡି ରହି ଲୀଳାନନ୍ଦ ଆସ୍ୱାଦନ କରିଥାନ୍ତି । ଜୀବନର ବାସ୍ତବତାକୁ ଗ୍ରହଣ କରି ଆଦର୍ଶ ଗୃହସ୍ଥ ଜୀବନ ଗଠନ ଭିତରେ ସଂସାରର ସଂ କୁ ବାଦ ଦେଇ ସାର ଗ୍ରହଣ କରିବା ସମସ୍ତ ଆଦର୍ଶ ଗୃହୀର ଲକ୍ଷ ହେବା ଉଚିତ ।

ଜ୍ଞାନ ଭାଇ "***କେ ଆଛେ ବାନ୍ଧବ ଭବେ ଗୁରୁ ବିନା ଆର***" ବଙ୍ଗାଳି ପ୍ରାଥନା ସଂଗୀତ ଟି ଗାନ କରିଥିଲେ । ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରେ ସୁପ୍ରୀତ ଭାଇ ପ୍ରଶ୍ନ କରିଥିଲେ - ଶଙ୍କରାଚାର୍ଯ୍ୟଙ୍କ ପୂର୍ବରୁ ଆଉ କେହି ଅଦ୍ୱୈତ ଭାବ ପ୍ରଚାର କରିଥଲେ କି ? ଏହାର ଉତ୍ତରରେ ପ୍ରମୋଦ ଭାଇଙ୍କ ଅନୁମତି ପୂର୍ବକ ଜ୍ଞାନ ଭାଇ କହିଥିଲେ - ବେଦ ଅପୁରଷେୟ, ସେଥିରେ ଦ୍ୱୈତ ଭାବର ବିଷଦ ବର୍ଣନା ଅଛି । ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ପୂର୍ବରୁ ଏହା ଥିଲା ଏବଂ ଶଙ୍କରାଚାର୍ଯ୍ୟ ଏହାର ପୁନଃ ପ୍ରତିଷ୍ଠା କରାଇଥିଲେ ।

ଦିବା ୧୧ ଘଟିକା ସମୟ ରେ କିଶୋର ଅଧିବେଶନର ପ୍ରାରମ୍ଭରେ ଶ୍ରେୟା ମା' "***ବନ୍ଦନା କରୁଚୁ ଆମ୍ଭେ ଦୀନ ଭକ୍ତ ଗଣ***" ସଂଗୀତ ଟିକୁ ଗାନ କରି ଶ୍ରୀଶ୍ରୀଠାକୁର ମହାରାଜ ଙ୍କର ପାଦ ବନ୍ଦନା କରିଥିଲେ । ପରେ ବିଜୟ ଭାଇ ଆସନ ଗ୍ରହଣ କରି ସମସ୍ତ ପିଲା ମାନଙ୍କର ଉପସ୍ଥାନ ନେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଥମେ ବିଜୟ ଭାଇଙ୍କ ନିର୍ଦ୍ଦେଶରେ ଶ୍ରେୟା ମା' ଇଂରାଜୀ ଭାଷାରେ ସଂଗୀତର ଭାବାର୍ଥ ସମସ୍ତଙ୍କୁ ବୁଝାଇ ଦେଇଥିଲେ ।

ବିଜୟ ଭାଇ ଅତି ସୁନ୍ଦର ଭାବେ କୋମଳମତି କିଶୋର କିଶୋରୀ ଭାଇ ମା' ମାନଙ୍କୁ ଭାବ ବିନିମୟ ର ଅର୍ଥ ଓ ଭାବ ବିନିମୟ କଣ କିପରି କରିବାକୁ ହୁଏ, ସଂଘ କଣ, ଏହାର ଉଦ୍ଦେଶ୍ୟ କଣ, ସମ୍ମିଳନୀ କଣ, ଆମ୍ଭେ କାହିଁକି ସମ୍ମିଳନୀ ରେ ଯୋଗ ଦେବା ଉଚିତ ଇତ୍ୟାଦି ବୁଝାଇ ଦେଇଥିଲେ । ଆମର ପ୍ରାଣ ପ୍ରିୟ ଅନୁଷ୍ଠାନ ର ନାମ କଣ ଏହା କେଉଁଠାରେ ଅବସ୍ଥିତ ତାହା ମଧ କଥା ଛଳରେ ଅନେକ ପ୍ରଶ୍ନ ମାଧମରେ କୁନି ଭାଇ ମା' ମାନଙ୍କୁ ଅବଗତ କରାଇଥିଲେ । ଏହା ପରେ ବବି ଓ ସ୍ୱପ୍ନେଶ୍ୱର ଭାଇ ଆପଣା ଭାବ ଭାବମୟଙ୍କ ଆଗରେ ବ୍ୟକ୍ତ କରିଥିଲେ । ସ୍ୱପ୍ନେଶ୍ୱର ଭାଇ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ମଧ୍ୟାନ ଭୋଗ ଓ ସନ୍ଧ୍ୟା ପୂଜା ପାଇଁ ନିମନ୍ତ୍ରଣ କରିଥିଲେ । ଏବା, ସୁକନ୍ୟା ମା' ଓ ଲିନା ମା' ଆସନ୍ତା ସଂଘ ପୂଜା ପାଇଁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ସହ

ସମସ୍ତ ଭକ୍ତ ଭାଇ, ମା' ମାନଙ୍କୁ ନିମନ୍ତ୍ରଣ କରିଥିଲେ । ସ୍ୱପ୍ନେଶ୍ୱର ଭାଇ ଜ୍ଞାତ ଅଜ୍ଞାତ ସାରରେ ହୋଇଥିବା ସମସ୍ତ ଦୋଷତ୍ରୁଟି ପାଇଁ କ୍ଷମସାଗରଙ୍କ ଶ୍ରୀପଦ ଯୁଗଳ ରେ କ୍ଷମା ପ୍ରାର୍ଥନା କରିଥିଲେ । ଦୀପ୍ତି ମା' ଆବାହନ ସଂଗୀତ ପରିବେଷଣ ନକରିପାରିଥିବା ରୁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ କ୍ଷମା ଭିକ୍ଷା କରିଥିଲେ । ରଶ୍ମି ମା' ବିଦାୟ ପ୍ରାର୍ଥନା ସଂଗୀତ ଗାନ କରିଥିଲେ । ପରେ ଜୟଗୁରୁ କୀର୍ତନ ଆରମ୍ଭ କରାଯାଇଥିଲା । ସମସ୍ତ ଭାଇ ଓ ମା' ଜୟଗୁରୁ ନାମମୃତ ପାନକରି ଆନନ୍ଦରେ ସମସ୍ୱରରେ ଜୟଗୁରୁ ଗାନ କରି କୀର୍ତନର ଉତ୍ତାଳ ତରଙ୍ଗରେ ଝାସ ଦେଇଥିଲେ । କୀର୍ତ୍ତନାନ୍ତେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଜୟ ଘୋଷଣା ପୂର୍ବକ ପରଦା ପତନ କରାଯାଇଥିଲା । ଉପସ୍ଥିତ ଭାଇ ଓ ମା' ଶ୍ରୀଶ୍ରୀଠାକୁର ଙ୍କୁ ପ୍ରଣାମ କରିଥିଲେ । ବ୍ରଜ ଭାଇ ସମ୍ମିଳନୀ ସମ୍ବନ୍ଧୀୟ କିଛି ଜରୁରୀ ଘୋଷଣା କରିଥିଲେ । ବିଶ୍ୱଜିତ ଭାଇ ଉପସ୍ଥାନ ନେଇଥିଲେ ପରେ ଜୟଗୁରୁ ସମ୍ଭାଷଣ ପୂର୍ବକ ସଭା ସାଙ୍ଗ କରାଇଥିଲେ । ମା' ମାନେ ସେମାନଙ୍କର ନୂତନ ଶାଢ଼ୀ, ଶଙ୍ଖା, ସିନ୍ଦୁର ଆଦି ଜଗତସ୍ୱାମୀଙ୍କ ପାଦରେ ଦେଇ ନୂତନ ଶାଢ଼ୀ, ଶଙ୍ଖା, ସିନ୍ଦୁର ଆଦି ପିନ୍ଧି ପୁନଃ ପ୍ରଣାମ ଜଣାଇ ଥିଲେ । ଶ୍ରୀଶ୍ରୀଠାକୁରଙ୍କୁ ମଧ୍ୟାନ ଭୋଗ ଦିଆଯାଇଥିଲା ଓ ପରେ ବିଶ୍ରାମ ଦିଆ ଯାଇଥିଲା । ଉପସ୍ଥିତ ସମସ୍ତ ଭାଇ ମହାପ୍ରସାଦ ଓ ମା' ମାନେ ସାବିତ୍ରୀ ବ୍ରତ ହେତୁ ପୁନଃ ଫଳ, ସାଗୁ, ଦଧି ଆଦି ମହାନନ୍ଦରେ ସେବନ କରି ନିଜ ନିଜ ଗୃହ କୁ ପ୍ରତ୍ୟାବର୍ତନ କରିଥିଲେ ।

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତ<br>
ବବି ଓ ସ୍ୱପ୍ନେଶ୍ୱର ଭାଇ